بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୨ ମଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନମ୍ରତା ଓ ସରଳତା ଅବଲମ୍ବନ କରିବା ପରିପ୍ରେକ୍ଷୀରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ମହାନ ଚରିତ୍ରର ମନୋହର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିନମ୍ରତା ଓ ସରଳତା ଦିଗ ସଂକ୍ରାନ୍ତରେ ଆଲୋଚନା ଚାଲିଥିଲା । ଆଜି ମଧ୍ୟ ସେହି ଚର୍ଚ୍ଚା ଅବ୍ୟାହତ ରହିବ, ଦେଖ ମହାଭାଗ ଛୋଟ ଛୋଟ ବିଷୟର ଉଦାହରଣ ଦେଇ ଏହା ପ୍ରକାଶ କରୁଥିଲେ ଯେ, 'ମୁଁ ସେଭଳି ଭୋଜନ କରେ ଯେମିତି ଜଣେ ଦାସ ଭୋଜନ କରିଥାଏ, ସେହିପରି ବସେ ଯେମିତି ଜଣେ ଦାସ ବସିଥାଏ । କାରଣ ମୁଁ ମଧ୍ୟ ତ ଜଣେ ଈଶ୍ୱରଙ୍କର ସେବକ ।' କହିବାର ତାତ୍ପର୍ଯ୍ୟ ସର୍ଦ୍ଦାର କିମ୍ବା ଧନୀମାନଙ୍କ ଭଳି ଅହଂକାର, ଆତ୍ମବଡିମା ଓ ଲୋକଦେଖାଣିଆ ବଦାଭ୍ୟାସ ମୋ ଭିତରେ ନାହିଁ ।

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ଏକ ଓଟ ଥିଲା, ଯାହାର ନାମ **ଅଜ୍‌ବା** ଥିଲା । ସେ ଏପରି ଦ୍ରୁତଗାମୀ ଥିଲା ଯେ ତା' ଆଗକୁ କୌଣସି ଓଟ ବଢ଼ି ଯାଇପାରୁ ନଥିଲେ । ଦିନେ ଜଣେ **ବଦ୍‌ଦ୍ୱି** (ଗାଉଁଲି ବ୍ୟକ୍ତି) ନିଜର ଏକ ଯୁବ ଓଟ ଉପରେ ଆରୋହଣ କରି ଆସିଲା ଏବଂ ପ୍ରତିଯୋଗୀତାରେ ତା'ର ଓଟଟି **ଅଜ୍‌ବା** ଠାରୁ ଆଗେଇ ଗଲା । ଏହା ଦେଖି ମୁସଲମାନମାନଙ୍କୁ ଖୁବ୍ ଧକ୍କା ଲାଗିଲା, ଯେ ଏଥର **ଅଜ୍‌ବା** ପଛରେ ରହିଗଲା ଓ ଏକ (ସାଧାରଣ ବ୍ୟକ୍ତିର) ଓଟ ପ୍ରଥମ ହୋଇଗଲା । ସେମାନଙ୍କର ଏହି ମନୋଭାବ ଦେଖି ହୁଜୁର[ସ.ଅ] କହିଲେ; 'ଅଲ୍ଲାଃଙ୍କର ଏହା ଅଧିକାର ଯେ, ସେ ସଂସାରରେ ଯାହାକୁ ଉପରକୁ ଉଠାନ୍ତି ତାକୁ ନିମ୍ନଗାମୀ ମଧ୍ୟ କରିଦିଅନ୍ତି ।' ସେଥିଅନ୍ତେ ବିନମ୍ରତାର ଆଉ ଏକ ଉଦାହରଣ ହଜରତ ଉମର୍[ର.ଅ] ବର୍ଣ୍ଣନା କରନ୍ତି, ଏକଦା ମୁଁ **ଉମ୍‌ରା** କରିବା ସକାଶେ ମହାଭାଗଙ୍କ ଠାରୁ ଅନୁମତି ଲୋଡ଼ିଲି । ହୁଜୁର[ସ.ଅ] ମୋତେ ଅନୁମତି ପ୍ରଦାନ କଲେ ଓ କହିଲେ; 'ହେ ମୋର ଭାଇ ! ନିଜ ଦୁଆରେ ମୋତେ ଭୁଲିବ ନାହିଁ ।' ସେ କୁହନ୍ତି; ମହାଭାଗଙ୍କର ମୋତେ ଏହି କଥା କହିବା ବଦଳରେ ଯଦି ମୋତେ ସାରା ଜଗତ ମିଳି ଯାଇଥା'ନ୍ତା, ତଥାପି ମୋତେ ଏତେ ଖୁସି ମିଳି ନଥା'ନ୍ତା । ହୁଜୁର[ସ.ଅ]ଙ୍କ ପାଇଁ **ଦୁରୁଦ୍** ପାଠ କରିବା ଦ୍ୱାରା ଅଲ୍ଲାଃତାଲା ପ୍ରାର୍ଥନା ଗ୍ରହଣ ହେବା ଅନିବାର୍ଯ୍ୟ କରିଛନ୍ତି । କିନ୍ତୁ ବିନମ୍ରତାର ଚରମ ସୀମା ଓ ଉତ୍କର୍ଷ ଦେଖ ଯେ ଏପରି ଉଚ୍ଚସ୍ତରରେ ପହଞ୍ଚି ହୁଜୁର[ସ.ଅ] ନିଜର ଜଣେ ଅନୁଗାମୀଙ୍କୁ କହୁଛନ୍ତି, ହେ ମୋର ଭାଇ ! ମୋ ପାଇଁ ପ୍ରାର୍ଥନା କରିବ ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ଆମ ପ୍ରିୟ ମୁନିବ କୌଣସି କାମ କରିବାରେ କେବେ ହେଲେ ସଙ୍କୋଚ କରୁ ନଥିଲେ ଓ ଛୋଟରୁ ଛୋଟ କାମ ମଧ୍ୟ ନିଜେ କରି ଦେଖାଉ ଥିଲେ, ବରଂ ଅନ୍ୟମାନଙ୍କୁ ଶିଖାଉ ଥିଲେ । ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣନା ରହିଛି, ମହାଭାଗ ଏକ ବାଳକ ନିକଟରୁ ଅତିକ୍ରମ କଲେ ଯିଏକି ଏକ ଛେଳିର ଚମଡା ବାହାର କରୁଥିଲା, ମହାଭାଗ ତାହାକୁ ଘୁଞ୍ଚାଇ ଦେଇ କହିଲେ; ଦେଖ (ଚମଡା କାଢ଼ିବାର) ସଠିକ୍ ପଦ୍ଧତି (ମୁଁ) ଦେଖାଉଛି । କାରଣ ମୋତେ ଲାଗୁ ନାହିଁ, ତୁମେ ଏହି କାର୍ଯ୍ୟରେ ବିଶେଷ ଦକ୍ଷତା ରଖୁଛ । ଏହାପରେ

ହୁଜୁର[ସ.ଅ] ନିଜର ହାତ ଚମଡା ଓ ମାଂସ ମଧ୍ୟରେ ଭର୍ତ୍ତି କଲେ ଓ ତାହାକୁ ଭିତର ପର୍ଯ୍ୟନ୍ତ ନେଇଗଲେ । ଯାହା ଫଳରେ ତାହା କାଖ ପର୍ଯ୍ୟନ୍ତ ଲୁଚିଗଲା । ତା'ପରେ ହୁଜୁର[ସ.ଅ] କହିଲେ; ଏମିତି କର । ହେ ବାଳକ ! ଏହିପରି ଚମଡା ବାହାର କର । ଏପରି ମହାଭାଗ ତା'ର କାମ କରି ତାକୁ ଶିଖାଇଲେ ।

ହଜରତ ଖବାବ୍[ର.ଅ]ଙ୍କ କନ୍ୟା ଠାରୁ ବର୍ଣ୍ଣନା ରହିଛି, ସେ ମହାଭାଗଙ୍କ ନିକଟକୁ ଛେଳି ଠାରୁ କ୍ଷୀର ସଂଗ୍ରହ କରିବା ପାଇଁ ନେଇ ଆସିଲେ । ଅତଏବ ହୁଜୁର[ସ.ଅ] ତାକୁ ବାନ୍ଧିଲେ ଓ କହିଲେ; ମୋ ପାଇଁ ଏକ ବଡ ପାତ୍ର ନେଇ ଆସ । ମୁଁ ଏକ ବଡ ପାତ୍ର ନେଇ ଆସିଲି, ହୁଜୁର[ସ.ଅ] ସେଥିରେ ତାର କ୍ଷୀର ଦୁହିଁଲେ । ଏପର୍ଯ୍ୟନ୍ତ କି ପାତ୍ରଟି ପରିପୂର୍ଣ୍ଣ ହୋଇଗଲା । ତା'ପରେ ପବିତ୍ର ଅବତାର କହିଲେ; ନିଜେ ମଧ୍ୟ ପିଅ ଓ ନିଜ ପଡୋଶୀମାନଙ୍କୁ ମଧ୍ୟ ପିଆଅ । ହଜରତ ଅନ୍‌ସ ବିନ୍ ମାଲିକ୍[ର.ଅ] ବର୍ଣ୍ଣନା କରନ୍ତି, ଯେତେବେଳେ କୌଣସି ବ୍ୟକ୍ତି ନବୀ କରିମ୍[ସ.ଅ]ଙ୍କ ନିକଟକୁ ଆସୁଥିଲା । ହୁଜୁର[ସ.ଅ] ତାହା ସହିତ **ମୁସାଫା** (କରମର୍ଦ୍ଦନ) କରୁଥିଲେ । ଆଉ ହୁଜୁର[ସ.ଅ] ସେପର୍ଯ୍ୟନ୍ତ ନିଜ ହାତ ତା' ହାତରୁ ଟାଣୁ ନଥିଲେ, ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ଜଣକ ନିଜେ ନିଜ ହାତ ଟାଣି ନନେଉଥିଲେ । ହୁଜୁର[ସ.ଅ] ନିଜ ପବିତ୍ର ଚେହେରାରୁ ସେପର୍ଯ୍ୟନ୍ତ ଅନ୍ୟତ୍ର ବୁଲାଉ ନଥିଲେ, ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ଜଣକ ନିଜେ ମୁହଁ ନବୁଲାଇ ନେଉଥିଲେ । ହୁଜୁର[ସ.ଅ]ଙ୍କୁ କେବେ ମଧ୍ୟ ନିଜ ସହ ବସିଥିବା ବ୍ୟକ୍ତିଙ୍କ ସାମ୍ନାରେ ଆଣ୍ଠୁ ବଢ଼େଇ ବସି ଥିବାର ଦେଖାଯାଇ ନାହିଁ । ମରୁଭୂମି ବା ଗ୍ରାମ୍ୟାଞ୍ଚଳ ବାସୀନ୍ଦାଙ୍କ ମଧ୍ୟରେ **ଜାହିର୍** ନାମକ ଜଣେ ସାହାବୀ ହୁଜୁର[ସ.ଅ]ଙ୍କ ପାଇଁ ବିଭିନ୍ନ ମଫସଲିଆ ଉପହାର ନେଇ ଆସୁଥିଲେ । ସେ ଯେତେବେଳେ ପ୍ରତ୍ୟାବର୍ତ୍ତନ କରିବାକୁ ବାହାରୁ ଥିଲେ ସେତେବେଳେ ହୁଜୁର[ସ.ଅ] ତାଙ୍କୁ ପ୍ରଚୁର ଧନସମ୍ପତ୍ତି ଓ ସାମଗ୍ରୀ ଦେଇ ବିଦାୟ ଦେଉଥିଲେ । ହୁଜୁର[ସ.ଅ] କହୁଥିଲେ, **ଜାହିର୍ ଆମ ଗ୍ରାମୀଣ ବନ୍ଧୁ ଓ ଆମେ ତାଙ୍କର ସହରୀ ବନ୍ଧୁ** ।

ଦିନେ ଏମିତି ହେଲା, ଜାହିର୍ ବଜାରରେ ନିଜର କିଛି ସାମଗ୍ରୀ ବିକ୍ରି କରୁଥିଲେ, ସେହି ସମୟରେ ନବୀଶିରୋମଣୀ ତାଙ୍କ ପାଖକୁ ଆସିଲେ ଓ ତାଙ୍କୁ ପଛ ପଟୁ ନିଜ ଛାତିରେ ଆଲିଙ୍ଗନ କରିନେଲେ । ହଜରତ ଜାହିର୍ କିନ୍ତୁ ମହାଭାଗକୁ ଦେଖିପାରି ନଥିଲେ । ତେଣୁ ସେ ପଚାରିଲେ, କିଏ ? ମୋତେ ଛାଡ଼ିଦିଅ, ଆଉ ଯେତେବେଳେ ସେ ବୁଲି ପଡି ହୁଜୁର[ସ.ଅ]ଙ୍କୁ ଦେଖିନେଲେ ସେତେବେଳେ ସେ ହୁଜୁର[ସ.ଅ]ଙ୍କୁ ଚିହ୍ନି ନେଲେ । ଅତଏବ ସେ ନିଜ ଅଣ୍ଟାକୁ ନବୀ କରିମ୍[ସ.ଅ]ଙ୍କ ପବିତ୍ର ଛାତି ସହ ଘସିବାକୁ ଲାଗିଲେ । ଇତି ମଧ୍ୟରେ ମହାଭାଗ କହିବାକୁ ଲାଗିଲେ, ଏହି ଦାସକୁ କିଏ କିଣିବ ? ଏଥିରେ ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମୋ ପରି ତୁଚ୍ଛ ଦାସକୁ ବିକ୍ରି କଲେ ତ ଆପଣ ଏକ କ୍ଷତିର ସଉଦା କରିବେ, ମୋତେ ବା କିଏ କିଣିବ । ଏଥିରେ ହୁଜୁର[ସ.ଅ] କହିଲେ; ଅଲ୍ଲାଃଙ୍କ ନିକଟରେ ତୁମେ କ୍ଷତିର ସଉଦା ନୁହଁ, ବରଂ ଅଲ୍ଲାଃଙ୍କ ନିକଟରେ ତୁମେ ଖୁବ୍ ମୂଲ୍ୟବାନ । ହଜରତ ଇମାମ ହୁସେନ୍[ର.ଅ] ବର୍ଣ୍ଣନା କରନ୍ତି, ମୁଁ ମୋ ପିତାଙ୍କୁ ହୁଜୁର[ସ.ଅ]ଙ୍କ ଘରେ ପ୍ରବେଶ କରିବା ବିଷୟରେ ପଚାରିଲି । ହଜରତ ଅଲୀ[ର.ଅ] କହିଲେ; ଯେତେବେଳେ ମହାଭାଗ ନିଜ ଗୃହ ମଧ୍ୟକୁ ପ୍ରବେଶ କରୁଥିଲେ ସେତେବେଳେ ଘରକୁ ତିନି ଭାଗରେ ବିଭକ୍ତ କରୁଥିଲେ । ଗୋଟିଏ ଭାଗ ପରାକ୍ରମୀ ଅଲ୍ଲାଃଙ୍କ ଆରାଧନା ପାଇଁ ପୃଥକ କରି ଦେଉଥିଲେ, ଆଉ ଗୋଟିଏ ଭାଗ ନିଜ ପରିବାର ପାଇଁ ଓ ଗୋଟିଏ ଭାଗ ନିଜ ପାଇଁ ରଖୁଥିଲେ । ପୁଣି ନିଜ ଭାଗକୁ ମଧ୍ୟ ନିଜ ଓ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ସେଥିରେ ବିଶେଷ ସାହାବା (ଅନୁଚର)ମାନଙ୍କ ମାଧ୍ୟମରେ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଧର୍ମର ବାର୍ତ୍ତା ପହଞ୍ଚାଉ ଥିଲେ । ସେମାନଙ୍କ ଠାରୁ କୌଣସି କଥା ଲୁଚାଇ ରଖୁ ନଥିଲେ ।

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଉପରେ ଯେଉଁ ପ୍ରଥମ **ଓ୍ୱହି** ହୋଇଥିଲା, ସେଥିରୁ ମଧ୍ୟ ହୁଜୁର[ସ.ଅ]ଙ୍କର ବିନମ୍ରତା ଓ ସରଳତା ପ୍ରକାଶ ପାଏ । ହଜରତ ମୁସଲେହ ମଉଦ[ର.ଅ] କହନ୍ତି, ସବୁଠାରୁ ପ୍ରଥମ **ଓ୍ୱହି** ହିରା ଗୁମ୍ଫାରେ ଅବତୀର୍ଣ୍ଣ ହୋଇଥିଲା, ଯେଉଁଥିରେ ଜିବ୍ରାଇଲ୍ ରସୁଲ୍ କରିମ୍‌ଙ୍କୁ ଦେଖାଦେଲେ ଓ କହିଲେ, ଇକ୍ରା ଅର୍ଥାତ୍ ପଢ । ପ୍ରତିଉତ୍ତରରେ ମହାଭାଗ କହିଲେ; ମୁଁ ପଢିବା ଜାଣି ନାହିଁ ।

ଏହାର ଅର୍ଥ ହେଉଛି, ଏହି ବୋଝ ମୋ ଉପରେ ନଦିଆଯାଉ । କାରଣ ସେହି ସମୟରେ ହୁଜୁର[ସ.ଅ]ଙ୍କ ସାମ୍ନାରେ କୌଣସି ବହି ତ ରଖାଯାଇ ନଥିଲା । ଯାହାକୁ ହୁଜୁର[ସ.ଅ] ପଢିଥା'ନ୍ତେ, ବରଂ ଜିବ୍ରାଇଲ୍ ଯାହା କିଛି କହୁଥିଲେ, ତାହା ଆପଣ[ସ.ଅ]ଙ୍କୁ କେବଳ ନିଜ ପବିତ୍ର ମୁଖରୁ କହିବାର ଥିଲା ଓ ଏହା ହୁଜୁର[ସ.ଅ] କହି ପାରିଥା'ନ୍ତେ । ମାତ୍ର ହୁଜୁର[ସ.ଅ] ବିନମ୍ରତା ପ୍ରକାଶ କଲେ । କିନ୍ତୁ ଯେହେତୁ ଅଲ୍ଲାଃତାଲା ଏହି କାମ ପାଇଁ ଆପଣ[ସ.ଅ]ଙ୍କୁ ବାଛି ଥିଲେ, ତେଣୁ ବାରମ୍ବାର କୁହାଗଲା ଯେ ପଢ । ଶେଷରେ ତୃତୀୟ ଥର କହିବା ପରେ ମହାଭାଗ[ସ.ଅ] ପାଠ କଲେ । ହଜରତ ଉମର୍[ର.ଅ]ଙ୍କ ଠାରୁ ବର୍ଣ୍ଣିତ ଯେ ମୁଁ ଥରେ ନବୀ କରିମ[ସ.ଅ]ଙ୍କ ସେବାରେ ହାଜର ହେଲି । ହୁଜୁର[ସ.ଅ] ନିଜ (ଗୃହ)ର ଉପର ମହଲାରେ ବିରାଜମାନ ଥିଲେ ଓ ସେହି ସମୟରେ ହୁଜୁର[ସ.ଅ] ଏକ ଚଟାଣ ଉପରେ ଥିଲେ । ଆଉ ହୁଜୁର[ସ.ଅ] ଓ ସେହି ବୁଣା ଚଟାଣ ମଧ୍ୟରେ କୌଣସି ବିଛଣା ନଥିଲା । ମହାଭାଗଙ୍କ ପବିତ୍ର ମସ୍ତକ ତଳେ ଚମଡାର ଏକ ତକିଆ ଥିଲା । ଯେଉଁଥିରେ ଖଜୁରୀ ଗଛର ଚୋପା ଭର୍ତ୍ତି ହୋଇଥିଲା ଏବଂ ହୁଜୁର[ସ.ଅ]ଙ୍କ ପାଦ ପାଖରେ ଆକାଶୀ ଗଛ ପତ୍ରର ଏକ ଗଦା ଥିଲା । ମୁଁ ହୁଜୁର[ସ.ଅ]ଙ୍କ ପିଠି ପାଖରେ ଚଟାଣର ଦାଗ ମଧ୍ୟ ଦେଖିଲି । ଏହା ଦେଖି ମୋ ଆଖିରୁ ଲୁହ ଝରି ପଡିଲା ଓ ମୁଁ କାନ୍ଦି ପକାଇଲି । ହୁଜୁର[ସ.ଅ] ମୋତେ ପଚାରିଲେ, ତୁମକୁ କେଉଁ କଥା କନ୍ଦାଉଛି ? ମୁଁ କହିଲି, ହେ ଅଲ୍ଲାଃଙ୍କ ରସୁଲ ! କିସ୍ରା ଓ କୈଶର୍ (ରୋମ ଓ ପାରସ୍ୟର ସମ୍ରାଟମାନେ) ସମସ୍ତ ପ୍ରକାରର ଆରାମ ଓ ବିଳାସରେ ରହିଛନ୍ତି । ଆଉ ହୁଜୁର[ସ.ଅ] ତ ଅଲ୍ଲାଃଙ୍କ ରସୁଲ ହୋଇ ମଧ୍ୟ ଏପରି ଅବସ୍ଥାରେ କାଳତିପାତ କରୁଛନ୍ତି ।

ମହାଭାଗ କହିଲେ; ତୁମେ କ'ଣ ଏଥିରେ ଖୁସି ନାହଁ ଯେ, **ସେମାନଙ୍କ ପାଇଁ ଇହକାଳର ସୁଖ ତଥା ବୈଭବ ହେଉ ଓ ଆମ ପାଇଁ ପରକାଳ (ପୁରସ୍କାର) ହେଉ** ? ମନ୍ଦ ଆଚରଣ କରୁଥିବା ଲୋକମାନଙ୍କ ସହ ମଧ୍ୟ ହୁଜୁର[ସ.ଅ] ସଦାବେଳେ ନମ୍ରତା ଓ ବିନୀତତା ପ୍ରଦର୍ଶନ କରୁଥିଲେ । ହଜରତ ଅବୁ ହୁରୈରାଃ[ର.ଅ]ଙ୍କ ଠାରୁ ବର୍ଣ୍ଣିତ ହୋଇଛି, ଜଣେ ବ୍ୟକ୍ତି ହୁଜୁର[ସ.ଅ]ଙ୍କ ପାଖକୁ ଆସି ନିଜର ପ୍ରାପ୍ୟ ଋଣ ମାଗିଲା ଏବଂ ଅତି କଟୁ ଭାଷା ପ୍ରୟୋଗ କଲା । ଏଥିରେ ଅନୁଚରମାନେ କ୍ରୋଧିତ ହୋଇ ଉଠିଲେ, ମାତ୍ର ମହାଭାଗ କହିଲେ; ତାକୁ ଛାଡ଼ିଦିଅ ଓ ଏକ ଓଟ କିଣି ତାକୁ ଦେଇଦିଅ । ସାହାବୀମାନେ କହିଲେ, ଆମକୁ ତା'ର ଋଣ ପରିଶୋଧ କରିବା ସମାନ ମୂଲ୍ୟର ଓଟ ମିଳୁ ନାହିଁ, ବରଂ ତା' ଠାରୁ ଅଧିକ ମୂଲ୍ୟର ଓଟ ମିଳୁଛି । ତହୁଁ ମହାଭାଗ କହିଲେ, ସେହି ଓଟ ହିଁ ତାକୁ ଦେଇଦିଅ । **କାରଣ ତୁମମାନଙ୍କ ମଧ୍ୟରେ ସବୁଠାରୁ ଭଲ ସେହି ବ୍ୟକ୍ତି ଯିଏ ଋଣ ପରିଶୋଧ କରିବାରେ ସବୁଠାରୁ ଉତ୍ତମ** । ମକ୍କା ବିଜୟ ସମୟରେ ହଜରତ ଅବୁ ବକର୍[ର.ଅ] ନିଜ ପିତାଙ୍କୁ ନେଇ ହୁଜୁର[ସ.ଅ]ଙ୍କ ନିକଟରେ ଉପସ୍ଥିତ ହେଲେ । ନବୀ କରିମ୍[ସ.ଅ] ତାଙ୍କୁ ଦେଖି କହିଲେ; ହେ ଅବୁ ବକର୍[ର.ଅ] ! ତୁମେ ଏହି ବୃଦ୍ଧ ବ୍ୟକ୍ତିଙ୍କୁ ଘରେ ରହିବାକୁ ଦେଇଥା'ନ୍ତ । ମୁଁ ନିଜେ ତାଙ୍କ ପାଖକୁ ଚାଲିଯାଇଥା'ନ୍ତି । ଏଥିରେ ହଜରତ ଅବୁ ବକର୍[ର.ଅ] ଅନୁରୋଧ ପୂର୍ବକ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ସେ ଏହି କଥାର ଅଧିକ ଯୋଗ୍ୟ ଯେ ସେ ଆପଣଙ୍କ ସେବାରେ ହାଜର ହୁଅନ୍ତୁ । ଅତଏବ ସେ ନିଜ ପିତାଙ୍କୁ ହୁଜୁର[ସ.ଅ]ଙ୍କ ସାମ୍ନାରେ ବସାଇଲେ । ହୁଜୁର[ସ.ଅ] ତାଙ୍କ ଛାତି ଉପରେ ହାତ ବୁଲାଇଲେ ଓ କହିଲେ, ଇସଲାମ ଧର୍ମ ଗ୍ରହଣ କରିନିଅନ୍ତୁ । ଆପଣ ଶାନ୍ତି ଓ ସୁରକ୍ଷା ବଳୟ ମଧ୍ୟକୁ ଚାଲି ଆସିବେ । ଏହାପରେ ଅବୁ କାହାଫା[ର.ଅ] ଇସଲାମ ଧର୍ମ ଗ୍ରହଣ କରିନେଲେ ।

ହୁଜୁର[ସ.ଅ]ଙ୍କ ଘର ବିଷୟରେ ହଜରତ ହସନ୍[ର.ଅ]ଙ୍କ ଠାରୁ ବର୍ଣ୍ଣନା ମିଳେ ଯେ, ହୁଜୁର[ସ.ଅ]ଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଥିଲା । ହୁଜୁର[ସ.ଅ]ଙ୍କ ପାଇଁ କୌଣସି ଦ୍ୱାରପାଳ ପ୍ରହରା ଦେଉ ନଥିଲେ । କିମ୍ବା ହୁଜୁର[ସ.ଅ]ଙ୍କ ପାଇଁ ସକାଳେ ଓ ସଞ୍ଜରେ ବଡ ବଡ ପାତ୍ରରେ ଖାଦ୍ୟ ପରଷା ଯାଉ ନଥିଲା ଅର୍ଥାତ୍ ଉଚ୍ଚମାନର ସୁସ୍ୱାଦୁ ଓ ବିଳାସପୂର୍ଣ୍ଣ ଆହାର ବଢ଼ା ଯାଇ ନଥିଲା । ହୁଜୁର[ସ.ଅ]ଙ୍କୁ ଯିଏ ବି ଭେଟିବାକୁ ଚାହୁଁଥିଲା, ସେ ଖୁବ୍ ସହଜରେ ପୁଣ୍ୟଶ୍ଳୋକଙ୍କୁ ଭେଟି ପାରୁଥିଲା । ହୁଜୁର[ସ.ଅ] ମାଟି ଉପରେ ବସୁଥିଲେ, ସରଳ ଓ ମୋଟା କପଡା ପିନ୍ଧୁ ଥିଲେ, ଗଧ ଉପରେ ବି ଆରୋହଣ କରି ନେଉଥିଲେ । ଲୋକମାନଙ୍କୁ ନିଜ ପଛରେ ବସାଇ ନେଉଥିଲେ ଏବଂ ଖାଇବା ପରେ ନିଜ

ଆଙ୍ଗୁଠିଗୁଡ଼ିକୁ ଚାଟି ନେଉଥିଲେ ଅର୍ଥାତ୍ ସଫା କରି ଦେଉଥିଲେ । ଆଙ୍ଗୁଠି ଚାଟିବା ବିଷୟରେ ହଜରତ ଜୈନୁଲ୍ ଆବିଦୀନ୍ ୱ୍ଲିଉଲ୍ଲାଃ ଶାଃ ସାହେବ[ର.ଅ]ଙ୍କର ଏକ ଟିପ୍ପଣୀ ରହିଛି, ଯେଉଁଥିରେ ହଜରତ ଡ଼ାଃ. ମୀର୍ ମୁହମ୍ମଦ ଇସମାଇଲ୍ ସାହେବ[ର.ଅ]ଙ୍କ ସୂତ୍ରରୁ ଲେଖାଯାଇଛି ଯେ, **ଚିକିତ୍ସକମାନେ ଏହି କଥା ଉପରେ ସହମତ ଯେ ମନୁଷ୍ୟ ହାତର ଆଙ୍ଗୁଠିଗୁଡ଼ିକରେ ଏକ ସ୍ୱତନ୍ତ୍ର ସ୍ୱର୍ଶ ଶକ୍ତି ଥାଏ** । ତେଣୁ ଯଦି ଖାଇବା ପରେ ଆଙ୍ଗୁଠି ଚାଟି ଦିଆଯାଏ ତେବେ ତାହା ହଜମ ପ୍ରକ୍ରିୟା ପାଇଁ ଲାଭଦାୟକ ହୋଇଥାଏ । ମସଜିଦ୍ ସଫା କରିବା ସମ୍ପର୍କରେ ହଜରତ ଯାକୁବ ବିନ୍ ଜୈଦ[ର.ଅ]ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ହୁଜୁର[ସ.ଅ] ମସଜିଦ୍‌କୁ ଆସୁଥିବା ଧୂଳିମଳିକୁ ଏକ ବାଡି ଆଗରେ କୌଣସି କପଡା ଇତ୍ୟାଦି ବାନ୍ଧି ସେଥିରେ ଝାଡପୋଛ କରି ଦେଉଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃତାଲା ଅତିବ ଦୟାଳୁ ଓ କୃପାଳୁ । ସେ ସବୁ ପ୍ରକାରେ ମନୁଷ୍ୟର ପାଳନପୋଷଣ କରନ୍ତି ଓ ତା’ ଉପରେ ଦୟା କରନ୍ତି ଏବଂ ଏହି ଦୟା ଯୋଗୁଁ ହିଁ ସେ ନିଜର ଦୂତ ତଥା ବାର୍ତ୍ତାବହମାନଙ୍କୁ ପଠାନ୍ତି । ଯଦ୍ଦ୍ୱାରା ସେମାନେ ସଂସାରରେ ଲୋକମାନଙ୍କୁ ପାପପୂର୍ଣ୍ଣ ଜୀବନରୁ ମୁକ୍ତି ଦେଇ ପାରିବେ । କିନ୍ତୁ ଅହଂକାର ଏହି ଅତ୍ୟନ୍ତ ବିପଜ୍ଜନକ ବ୍ୟାଧି । ଯେଉଁ ମନୁଷ୍ୟ ଭିତରେ ତାହା ସୃଷ୍ଟି ହୁଏ, ତା’ ପାଇଁ ଏହା ଅଧ୍ୟାତ୍ମିକ ମୃତ୍ୟୁ ସଦୃଶ । ମୁଁ ନିଶ୍ଚିତ ଭାବେ ଜାଣେ ଯେ ଏହି ରୋଗ ହତ୍ୟା ଠାରୁ ମଧ୍ୟ ଅଧିକ ଭୟଙ୍କର । ଅହଂକାରୀ ବ୍ୟକ୍ତି ଶୈତାନର ଭାଇ ପାଲଟି ଯାଏ । କାରଣ ଅହଂକାର ହିଁ ଶୈତାନକୁ ଅପମାନିତ ଓ ବହିଷ୍କୃତ କରିଥିଲା । ତେଣୁ ଜଣେ ବିଶ୍ୱାସକାରୀର ଏହି ସର୍ତ୍ତ ଯେ ତା’ ଭିତରେ ଅହଂକାର ରହିବା ଉଚିତ୍ ନୁହେଁ, ବରଂ ତା’ ଠାରେ ବିନମ୍ରତା, ସରଳତା ଓ ବିନୀତତା ଦେଖାଯିବା ଦରକାର ଏବଂ ଏହା ଈଶ୍ୱରଙ୍କ ପ୍ରେରିତ ପୁରୁଷମାନଙ୍କର ବିଶେଷତ୍ୱ ହୋଇଥାଏ । ସେମାନଙ୍କ ମଧ୍ୟରେ ଅତ୍ୟଧିକ ମାତ୍ରାରେ ନମ୍ରତା ଓ ବିନୟ ଭାବ ଥାଏ । ଆଉ ସବୁଠାରୁ ବଳି ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ମଧ୍ୟରେ ଏହି ଗୁଣ ବିଦ୍ୟମାନ ଥିଲା । ହୁଜୁର[ସ.ଅ]ଙ୍କର ଜଣେ ସେବକଙ୍କୁ ପଚରାଗଲା, ତୁମ ସହିତ ମହାଭାଗ[ସ.ଅ]ଙ୍କର କିଭଳି ବ୍ୟବହାର ଥିଲା ? ସେ ଉତ୍ତର ଦେଲେ ବାସ୍ତବିକତା ଏହିକି ଯେ ମୋ ଅପେକ୍ଷା ତ ସେ ମୋର  ଅଧିକ ସେବା କରୁଛନ୍ତି । **ଅଲ୍ଲାଃହୁମ୍ମା ସଲ୍ଲି ଆଲା ମୁହମ୍ମଦିଉଁ ୱ୍ୱ ଆଲା ଆଲେ ମୁହମ୍ମଦିନ୍ ୱ୍ୱ ବାରିକ୍ ୱ୍ୱ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍** ।

ଅଲ୍ଲାଃତାଲା ଆମମାନଙ୍କୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଶିକ୍ଷା ଓ **ସୁନ୍ନତ୍** (ଆଦର୍ଶ)ର ଅନୁକରଣ କରି ମହାଭାଗଙ୍କ ବିନମ୍ରତା ଗୁଣ ଆପଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ । ଶେଷରେ ମହାମାନ୍ୟ ହୁଜୁର ଅନୱ୍ୱର[ଅ.ବ] ସ୍ୱର୍ଗତ ଶ୍ରୀମାନ ମଲକ୍ ଦାଉଦ୍ ମୁହମ୍ମଦ ସାହେବ ପିତା ମୁହମ୍ମଦ ଇସହାକ୍ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ତାଙ୍କର **ନମାଜ୍ ଜନାଯାଃ ଗାଏବ୍** ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ୱଲ୍ ଇହ୍‌ସାନି ୱ୍ୱଇତାଇଜିଲ କୁର୍‌ବା ୱ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ୱଲ୍ ମୁନ୍‌କରି ୱ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

22th   May  2026

*Translated to Odia by :* Moulavi Anwar Ahmad Khan